ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ୨୪ ଡିସେମ୍ବର ୨୦୨୨ Dhenkanal, Saturday, December 24, 2022

# ‘ନିଷ୍ଠାର ସହ ଶିକ୍ଷାଦାନ କର’



ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ମନ୍ତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

- ■ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ
- ■ଫଳାଫଳ ଖରାପ ହେଲେ ଶିକ୍ଷକ ଦାୟୀ ରହିବେ: ମନ୍ତ୍ରୀ

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବ ଯୋଗଦେଇ ନିଷ୍ଠାର ସହ ଶିକ୍ଷାଦାନ କରି ଆଦର୍ଶ ଛାତ୍ର ସମାଜ ଗଠନ କରିବାକୁ ପରାମର୍ଶ ଦେଇଛନ୍ତି। ପେନ୍‌ସନ୍, ଅମୀମାଂସିତ ମାମଲା, ପୁନଃ ଥଇଥାନ ସମ୍ପର୍କିତ ସମସ୍ୟାର ଯଥାସମ୍ଭବ ସମାଧାନ କରିବା ଲାଗି ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଶିକ୍ଷାଦାନରେ ଉନ୍ନତି ଆଣିବାକୁ ବର୍ଷକୁ ୪ଥର ଶିକ୍ଷକ-ଅଭିଭାବକ ବୈଠକ କରିବା, ମାସକୁ ୧୨ଦିନ ଶିକ୍ଷାଧିକାରୀମାନେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା, ଶୈକ୍ଷିକ ବାତାବରଣ ପ୍ରତି ଧ୍ୟାନଦେବା, ଆଗାମୀ ମାଟ୍ରିକ୍ ପରୀକ୍ଷାରେ ଯେପରି ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ‘ଏ’ ଗ୍ରେଡ୍ ରେ ପାସ୍ କରିବେ ସେଥିପ୍ରତି ସଚେତନ ହେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମାଟ୍ରିକ୍ ପରୀକ୍ଷାରେ ସମସ୍ତ ବିଷୟ ଫଳାଫଳକୁ ବିଶ୍ଳେଷଣ କରାଯିବ। ଫଳାଫଳ ଖରାପ ହେଲେ ସମ୍ପୃକ୍ତ ଶିକ୍ଷକ ଦାୟୀ ରହିବେ ବୋଲି ମନ୍ତ୍ରୀ ତାଗିଦ କରିଛନ୍ତି।

ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମୂଳଦୁଆ ସୁଦୃଢ଼ କରି ହୃଦୟର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଢେଙ୍କାନାଳକୁ ଶିକ୍ଷାର ହବ୍‌ରେ ପରିଣତ କରିବାକୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା ବିଭାଗ ଉପରେ ବର୍ଷିଲେ

ଢେଙ୍କାନାଳ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ମାଟ୍ରିକ୍ ପରୀକ୍ଷା ଫଳ ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ପରେ ଶିକ୍ଷା ବିଭାଗ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ମନ୍ତ୍ରୀ ସମୀର ରଞ୍ଜନ ଦାଶ। ମନ୍ତ୍ରୀ କହିଲେ, ଜିଲାରେ ୧୫,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ମାତ୍ର ୧୭୦ଜଣ ‘ଏ-୧’ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଏହା କ’ଣ ଖୁସି ଖବର ବୋଲି ସେ ପ୍ରଶ୍ନ କରିଛନ୍ତି। ସିବିଏସ୍‌ଇରେ ପରୀକ୍ଷା ଫଳ ୯୫% ହେଉଛି। ଆମର କାହିଁକି ନ ହେବ। ଏଥିରେ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ କାହିଁକି ଦାୟୀ ହେବେନି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ୧୭୦ ଜଣ ‘ଏ-୧’ରେ ପାସ୍ କରିଛନ୍ତି ବୋଲି କହି ବାହାଦୁରୀ ନେଲେ ହେବନାହିଁ। ତେଣୁ ପରୀକ୍ଷାରେ ସାମଗ୍ରିକ ଭାବେ କିପରି ଭଲ ହେବ ସେ ଦିଗରେ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।


ଶୋଭାଯାତ୍ରାରେ ଅଙ୍ଗନୱାଡି କର୍ମୀମାନେ।

# କଲମ ଛାଡ଼ିଲେ ଅଙ୍ଗନୱାଡି କର୍ମୀ

**ପରଜଙ୍ଗ, ୨୩।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ୮ ଦଫା ପୂରଣ ଦାବିରେ ଶୁକ୍ରବାରଠାରୁ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି। ୨୦୯ ଅଙ୍ଗନୱାଡି କର୍ମୀ ଏବଂ ୧୭୦ ସହାୟିକା ହନୁମାନ ବାଟିକାଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆନ୍ଦୋଳନ ସମୟରେ ବହିଷ୍କୃତ ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃନିଯୁକ୍ତି, ସରକାରୀ କର୍ମଚାରୀ ମାନ୍ୟତା, ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନବାଡି କର୍ମୀ ମାନ୍ୟତା, ଅବସରକାଳୀନ ସହାୟତା, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍, ଅଭିଜ୍ଞତା ଆଧାରରେ ପ୍ରି-ପ୍ରାଇମେରି ଶିକ୍ଷୟିତ୍ରୀ ମାନ୍ୟତା, ୫୦% ଅଙ୍ଗନୱାଡି କର୍ମୀଙ୍କୁ ପଦୋନ୍ନତି, ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଥିବା ଅଙ୍ଗନବାଡି କର୍ମୀଙ୍କୁ ସୁପରଭାଇଜର ଭବେ ପଦୋନ୍ନତି ଦେବାକୁ ଦାବି କରାଯାଇଛି। ଶୋଭାଯାତ୍ରାରେ ଜିଲା ସଂଘ ସମ୍ପାଦିକା ମାନସୀ ମହାପାତ୍ର, ବ୍ଲକ ସଂଘ ସଭାନେତ୍ରୀ ନୀଳାଞ୍ଜନା ରଥ, ସମ୍ପାଦିକା କିରଣବାଳା ସାହୁ, କୋଷାଧ୍ୟକ୍ଷା ଗାୟତ୍ରୀ ପଣ୍ଡା, ଜିଲା ପ୍ରଭାରୀ ସଞ୍ଜୟ ଦେହୁରୀ, ଶ୍ରୀନିବାସ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ଭୁଜାଲିରେ ହାଣି ସାଢ଼େ ୩ ଲକ୍ଷ ଲୁଟ୍

**ଛେଣ୍ଡିପଦା,୨୩।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଖଳାମାଳ ନିକଟରୁ ଶୁକ୍ରବାର ରାତି ୮ଟା ବେଳେ ଭୁଜାଲିରେ ଆକ୍ରମଣ କରି ଦୁର୍ବୃତ୍ତମାନେ ସାଢ଼େ ୩ ଲକ୍ଷ ଟଙ୍କା ଓ ୪ ଲକ୍ଷ ଟଙ୍କାର ଷ୍ଟାମ୍ପ ପେପର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଛେଣ୍ଡିପଦାର ଷ୍ଟାମ୍ପଭେଣ୍ଡର ଅଶୋକ କୁମାର ସାହୁ ଗ୍ରାହକ ସେବାକେନ୍ଦ୍ର ବନ୍ଦକରି ବାହାଲସାହିସ୍ଥିତ ଘରକୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ୩ଟି ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ପିଛା କରି ଅଶୋକଙ୍କୁ ଅଟକାଇଥିଲେ। ଜଣେ ଭୁଜାଲିରେ ଆକ୍ରମଣ କରିବା ବେଳେ ଅନ୍ୟ ଜଣେ ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ। ଗୁରୁତର ଅଶୋକ ଦୁର୍ବୃତ୍ତଙ୍କ ପିଛା କରିଥିଲେ ହେଁ ସେମାନଙ୍କୁ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଧୀରେନ ବେହେରା ଓ ପୋଲିସ କର୍ମଚାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଅଶୋକ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

**ବଣ୍ଡା,୨୩।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ରାଣୀଭୁଇଁ ଗ୍ରାମର ଟୁନି ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ତଥା ଛେଣ୍ଡିପଦା ଥାନା ଅଞ୍ଚଳର କ୍ରିଷ୍ଣା ନାୟକ ମାଡ଼ ମାରିଥିବା ଶୁକ୍ରବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୬୯/୨୨ରେ ଏକ ମାମଲା ରୁଜୁ କରି କ୍ରିଷ୍ଣାଙ୍କୁ ଗିରଫ କରିଛି। ଟୁନିଙ୍କୁ କ୍ରିଷ୍ଣା ପ୍ରେମ ବିବାହ କରିଥିଲେ। ତେବେ ବିବାହ ପରେ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି।

### ୨୮ରୁ କ୍ରିକେଟ୍ ଖେଳାଳି ଚୟନ

**ଢେଙ୍କାନାଳ ଅଫିସ, ୨୩।୧୨:** ଢେଙ୍କାନାଳ ଜିଲାରେ ୧୯ ବର୍ଷର ଊର୍ଦ୍ଧ୍ୱ ବରିଷ୍ଠ ବର୍ଗରେ ଜିଲାସ୍ତରୀୟ କ୍ରିକେଟ୍ ଦଳ ପାଇଁ ଖେଳାଳି ଚୟନ କରାଯିବ। ଆଶାୟୀମାନେ ୨୮ ଏବଂ ୨୯ ତାରିଖରେ ନିଜର ଜନ୍ମ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାରକାର୍ଡ ସହ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରିପାରିବେ। ଖେଳାଳିଙ୍କ ବୟସ ୩୦ରୁ ଅଧିକ ହୋଇ ନ ଥିବା ଆବଶ୍ୟକ ବୋଲି କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

### ଅଲେଖ ମହିମା ଦଳ ବିଜୟୀ

**ଢେଙ୍କାନାଳ ଅଫିସ, ୨୩।୧୨:** ଢେଙ୍କାନାଳ ଜିଲା ମୁଖ୍ୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର ଆନ୍ତଃକ୍ଲବ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଚନ୍ଦ୍ରଶେଖର ଦଳକୁ ହରାଇ ଅଲେଖ ମହିମା ଦଳ ବିଜୟୀ ହୋଇଛି। ବିଜୟୀ ଦଳର ଅମନ କୁମାର ନାୟକ ‘ମ୍ୟାନ ଅଫ୍ ଦି ମ୍ୟାଚ୍’ ବିବେଚିତ ହୋଇଥିଲେ। ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଇମତିଆଜ ଅଲ୍ଲୀ ଖେଳ ପରିଚାଳନା କରିଥିବାବେଳ ଜିତେନ୍ଦ୍ର ସେନାପତି ସ୍କୋରର ଦାୟିତ୍ୱ ତୁଲାଇଥିଲେ।

### ଘର ଭାଙ୍ଗି ଧାନ ଖାଇଗଲେ ହାତୀ

**ପରଜଙ୍ଗ, ୨୩।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ୍‌ରେ ହାତୀ ଉପଦ୍ରବ ଥମୁନାହିଁ। ବନ ବିଭାଗର ବିଫଳତା ପାଇଁ କ୍ଷୟକ୍ଷତି ବଢୁଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ବରକଟା ଗ୍ରାମରେ ୧୨ରୁ ଊର୍ଦ୍ଧ୍ୱ ହାତୀ ପଶି ଲକ୍ଷ୍ମୀଧର ହେମ୍ବ୍ରମ୍‌ଙ୍କ ୨ ବଖରା ଘର ଭାଙ୍ଗିଦେବା ସହ ଧାନ ଚାଉଳ ଖାଇ ଯାଇଛନ୍ତି। ପରିବାର ଲୋକେ ଜୀବନ ବିକଳରେ ଘରୁ ଦୌଡ଼ି ପଳାଇ ଯାଇଥିଲେ। ପ୍ରଶାସନ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ମୀଧର ନିବେଦନ କରିଛନ୍ତି।

### ଦୁର୍ଘଟଣା: ୨ ସଙ୍କଟାପନ୍ନ

**କାମାକ୍ଷାନଗର, ୨୩।୧୨(ଡି.ଏନ୍.ଏ.):** କଙ୍କଡ଼ାହାଡ଼ ବ୍ଲକ ଡଙ୍ଗାପାଳ ଛକରେ ଶୁକ୍ରବାର ସନ୍ଧ୍ୟାରେ କାର୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କଙ୍କଡ଼ାହାଡ଼ ବ୍ଲକ ପଥରଗଡ଼ ଗ୍ରାମର ମାଧବ ସିଂ (୩୮), ଲୋଚନ ସାହୁ (୫୮) ଗୁରୁତର ହୋଇଛନ୍ତି। ଉଭୟେ ବାଇକ୍‌ରେ କାମାକ୍ଷାନଗରରୁ ଗାଁ କୁ ଫେରୁଥିବା ବେଳେ ଇନ୍‌ଫ୍ରା କନ୍‌ଷ୍ଟ୍ରକ୍ସନର ଏକ କାର୍ ସହ ଧକ୍କା ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା କାର୍ ଜବତ କରି ତଦନ୍ତ କରୁଛି।

# ଭକ୍ତିଯୋଗ ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୨୩।୧୨**




ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଢେଙ୍କାନାଳ ଜିଲାସ୍ତରୀୟ ଭକ୍ତଗୋଷ୍ଠୀଙ୍କ ତରଫରୁ ଆୟୋଜିତ ବାର୍ଷିକ ଉତ୍ସବ ଏବଂ ସନାତନ ଧର୍ମ ସମ୍ମିଳନୀର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ବାବାଜୀ ଶେଷଦେବ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାବାଜୀ ହରିଶଙ୍କର ଦାସ ମହାରାଜ, ବାବାଜୀ ବୁଦ୍ଧଦେବ ଦାସ ମହାରାଜ, ପାର୍ଥ ସାରଥୀ ମହାନ୍ତି ଯୋଗଦେଇ ଭକ୍ତିଯୋଗ, ଧ୍ୟାନଯୋଗ ଓ ସମର୍ପଣ ଯୋଗ ବିଷୟରେ ପ୍ରବଚନ ଦେଇଥିଲେ। ଜିଲାସ୍ତରୀୟ ଭକ୍ତଗୋଷ୍ଠୀ ସଭାପତି ସୁଧାକର ସେନ୍, ସମ୍ପାଦକ ହୃଦାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ଅବନୀ ରାଉଳ, ଯୁଗ୍ମ ସମ୍ପାଦକ ରତିକାନ୍ତ ବେହେରା, ସହସମ୍ପାଦକ ବାବୁରାମ ପାତ୍ର, ଉପଦେଷ୍ଟା ରବୀନ୍ଦ୍ର ଗଣ୍ଡିଆ, ଦୟାନନ୍ଦ ସାହୁ, ନନ୍ଦ ଖିଲାର, ରାଧା ବଲ୍ଲଭରାୟ, ଯତୀନ୍ଦ୍ର ପ୍ରସାଦ କର, ଠାକୁର ପ୍ରସାଦ ସାମନ୍ତରାୟ, ଦୀପକ ସାହୁ, ଜାଗ୍ରତ ପାତ୍ର, ନିର୍ଲିପ୍ତ ପ୍ରଧାନ, ସୁଫଳା ନାୟକ, ରୀନାରାଣୀ ରାଉଳ, ଉଷାରାଣୀ ପାତ୍ର, ମମତା ସାହୁ, ବିଜୟଲକ୍ଷ୍ମୀ ବିଶ୍ୱାଳ, ବିଦ୍ୟୁତ୍‌ପ୍ରଭା ଗଣ୍ଡିଆ, ନିର୍ଝରିଣୀ ରାୟ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି। ଶନିବାର ଏହାର ଉଦ୍‌ଯାପନୀ ଦିବସ ରହିଛି।

### ମହିଳାଙ୍କ ପାଦରେ ଚଢ଼ିଗଲା ଗାଡ଼ି

**ଭୁବନ, ୨୩।୨୨(ଡି.ଏନ.ଏ.):** ଭୁବନ ଥାନା ମହିଳା କଲେଜ ନିକଟ ୫୩ନଂ. ଜାତୀୟ ରାଜପଥ ବାଇପାସ୍ ନିକଟରେ ଶୁକ୍ରବାର ଏକ ଗାଡ଼ି ଧକ୍କାରେ ପ୍ରାତଃଭ୍ରମଣରେ ଯାଇଥିବା ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ କୋହ୍ଲସାହିର ସ୍ୱର୍ଗତ ରାମଚନ୍ଦ୍ର ସାହୁଙ୍କ ସ୍ତ୍ରୀ ଖୁଲଣା (୭୫)। ଗାଡ଼ିଟି ତାଙ୍କ ପାଦରେ ଚଢ଼ିଯାଇ ଫେରାର ହୋଇ ଯାଇଥିଲା। ଅଚେତ ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ କେତେଜଣ ବ୍ୟକ୍ତି ଦେଖିଥିଲେ। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଏଟିଏମ୍‌ରୁ ଟଙ୍କା ଉଠାଇ ହଟହଟା

**ପରଜଙ୍ଗ, ୨୩।୧୨(ଡି.ଏନ୍.ଏ.)**

ପରଜଙ୍ଗ ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍ କାଉଣ୍ଟରରୁ ଟଙ୍କା ଉଠାଇ ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇକାଟେଣୀ ଗ୍ରାମର ଶୁକଦେବ ନାୟକ ହଟହଟା ହୋଇଛନ୍ତି। ଏଟିଏମ୍ କାର୍ଡ ଜରିଆରେ ସେ ୨୦୦୦ ଟଙ୍କା ଉଠାଇବାକୁ ଆବଶ୍ୟକ ପ୍ରକ୍ରିୟା କରିଥିବାବେଳେ ୧୬୦୦ ଟଙ୍କା ( ୩ଟି ୫୦୦ ଟଙ୍କିଆ ଏବଂ ଗୋଟିଏ ୧୦୦ ଟଙ୍କିଆ) ନୋଟ୍ ଆସିଥିଲା। ତେବେ ତାଙ୍କ ଆକାଉଣ୍ଟରୁ ୨୦୦୦ ଟଙ୍କା କଟିଥିବା ମୋବାଇଲ୍‌କୁ ମେସେଜ୍ ଆସିଥିଲା। ଏ ନେଇ ସେ ଡିହଡୋଳ ସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାରେ ଅଭିଯୋଗ କରିଛନ୍ତି। ତେବେ ତାଙ୍କ ଆକାଉଣ୍ଟ ତାଳଚେରରେ ଥିବାରୁ ସେଠାରେ ଅଭିଯୋଗ କରିବାକୁ ବ୍ୟାଙ୍କ ଅଧିକାରୀ ପରାମର୍ଶ ଦେଇଛନ୍ତି। ଶୁକଦେବ ପ୍ରଥମେ ୫୦୦୦ ଟଙ୍କା ଉଠାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୨୦୦୦ ଟଙ୍କା ଉଠାଇବା ବେଳେ ଏହି ସମସ୍ୟା ଉପୁଜିଥିଲା।

# କଟକକୁ ହରାଇ କେନ୍ଦୁଝର ବିଜୟୀ



ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଭୁବନ, ୨୩।୨୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଦ୍ୱିତୀୟ ଦିବସରେ କଟକ ବିଡାନାସୀକୁ ହରାଇ କେନ୍ଦୁଝର ବିଜୟୀ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କେନ୍ଦୁଝର ନିର୍ଦ୍ଧାରିତ ୨୬ ଓଭରରେ ୧୭୯ ରନ୍ କରିଥିଲା। ସନ୍ତୋଷ ରାଉତ ୫୧ ବଲ୍‌ରୁ ସର୍ବାଧିକ ୪୩ ରନ୍ କରିଥିଲେ। କଟକ ବିଡାନାସୀ ଦଳ ୨୫.୨ ଓଭରରେ ୧୫୨ ରନ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୬ ଓଭର ବୋଲିଂ କରି ୨୦ ରନ ବ୍ୟୟରେ ୪ ଉଇକେଟ ନେଇଥିବା ବିଜୟୀ ଦଳର ଅମ୍ଳାନ ପଟ୍ଟନାୟକ ‘ମ୍ୟାନ ଅଫ ଦି ମ୍ୟାଚ’ ବିବେଚିତ ହୋଇଥିଲେ। ସେହିପରି ପିଣ୍ଟୁ ଶର୍ମା ମୂଲ୍ୟବାନ ୪୮ ରନ୍ କରିଥିଲେ। ଆଶୁତୋଷ ପାଣି, ଦ୍ୱିଜେନ୍ଦ୍ର ଘୋଷ ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରଜିତ୍ କିଶୋର ସାହୁ, ଏସ.ପି. ରାଉତ ଧାରାବିବରଣୀ ଦେଇଥିଲେ। ଶନିବାର ୩ୟ ଲିଗ ମ୍ୟାଚରେ କେନ୍ଦୁଝର ଦଳ ଢେଙ୍କାନାଳ କସ୍‌ମସ୍ ଟିମ୍‌କୁ ଭେଟିବ।

# ଜନତା କଲେଜରେ ନାକ୍ ଟିମ୍



ଜନତା କଲେଜର ଅଧକ୍ଷଙ୍କ ସମେତ ନାକ୍ ଟିମ୍ ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୨୩।୧୨**

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେଶନ କାଉନ୍‌ସିଲ (ନାକ୍) ଟିମ୍‌ର ୩ଜଣିଆ ମାନ ନିର୍ଦ୍ଧାରଣକାରୀ ଦଳ। ଭିତ୍ତିଭୂମି ସୁଦୃଢ଼ କରିବାକୁ ନାକ୍ ଟିମ୍ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ଉକ୍ତ ଟିମ୍‌ରେ ମଣିପୁର ୟୁନିଭରସିଟି ପ୍ରଫେସର ଡ. ଗୋପାଳ କୁମାର ନିରୋଲାଛତ୍ରୀ, କେରଳ ସେଣ୍ଟ୍ରାଲ ୟୁନିଭରସିଟିର ଡ. ଜୟପ୍ରକାଶ କେ., ହରିୟାନା କୁରୁକ୍ଷେତ୍ର ଆଇଜିଏନ୍ କଲେଜ ପ୍ରିନ୍ସିପାଲ ଡ. ପ୍ରେମ କୁମାରୀ ଗୁପ୍ତା ସାମିଲ ହୋଇଥିଲେ। ପ୍ରଥମ ଦିବସରେ ସଦସ୍ୟମାନେ କଲେଜ ସଭାପତି ତଥା ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସହିତ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ଭିତ୍ତିଭୂମି ବୁଲି ଦେଖିଥିଲେ। ଆଲୁମ୍‌ନି ଆସୋସିଏଶନ ପଞ୍ଜୀକୃତ ନ ହେବା, ଏଥିରେ ମହିଳା ସଦସ୍ୟ ନ ରହିବା, କଲେଜର ବିକାଶ ପାଇଁ ଅର୍ଥାଭାବ ଆଦି ବିଷୟରେ ପଦକ୍ଷେପ ନେବାକୁ କଲେଜ ଅଧ୍ୟକ୍ଷ ସୁଧାଂଶୁ କୁମାର ବେହେରାଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି।

## ଜମିରୁ ଧାନ କାଟିନେଲେ ପ୍ରଭାବଶାଳୀ

**ଢେଙ୍କାନାଳ ଅଫିସ, ୨୩।୧୨:** କାମାକ୍ଷାନଗର ଥାନା ମହୀଧରପୁର ଗ୍ରାମର ଆଦିବାସୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରାୟ ୧୬ ଏକର ଜମିରୁ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବଳପୂର୍ବକ ଧାନ କାଟି ନେଇଛନ୍ତି। ଏ ନେଇ କାମାକ୍ଷାନଗର ଥାନାର ଦ୍ୱାରସ୍ଥ ହେବା ସତ୍ତ୍ୱେ ପୋଲିସ ଅଭିଯୋଗ ପଞ୍ଜୀକୃତ କରୁନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଏସ୍‌ପି ଏବଂ ଜିଲାପାଳଙ୍କୁ ଦ୍ୱାରସ୍ଥ ହୋଇଛି ଦଳିତ ସଂଘ। ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିହାର ରଞ୍ଜନ ସାମଲ, ମନୋରଞ୍ଜନ ଜେନା, କାଳିନ୍ଦୀ ଦେହୁରୀ ପ୍ରମୁଖ ଦାବିକରିଛନ୍ତି।

## ସେମିରେ ରାଉରକେଲା

**ଢେଙ୍କାନାଳ ଅଫିସ, ୨୩।୧୨:** ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ାରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂକୁ ହରାଇ ରାଉରକେଲା ସ୍ପୋର୍ଟସ୍ ଆସୋସିଏଶନ ସେମିରେ ପ୍ରବେଶ କରିଛି। ଭୁବନେଶ୍ୱର ୯୨ ରନ୍ କରିଥିବାବେଳେ ରାଉରକେଲା ୬ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ସାହିଲ ପ୍ରସାଦ ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ବିବେଚିତ ହୋଇଥିଲେ। ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ନାରା ଉପସ୍ଥିତ ଥିଲେ।

# ଭିଲାଇ ସେମିରେ, ୟୁନିୟନ ସ୍ପୋର୍ଟିଂ ଫାଇନାଲରେ

**ଅନୁଗୋଳ ଅଫିସ, ୨୩।୧୨**


ସର୍ବଭାରତୀୟ ଅନୁଗୋଳ କପ୍ କ୍ରିକେଟ୍ ପ୍ରତିଯୋଗିତାର ଏକ ଦୃଶ୍ୟ।

ଅନୁଗୋଳ କଦମ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଅନୁଗୋଳ କପ୍ କ୍ରିକେଟ୍ ପ୍ରତିଯୋଗିତାର ୩ୟ ଦିନରେ ଗୋଟିଏ କ୍ୱାର୍ଟର ଫାଇନାଲ ଓ ଗୋଟିଏ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ନାୟିଡୁ ନ୍ୟାଶନାଲ କ୍ରିକେଟ୍ ଏକାଡେମୀ (ଏନ୍‌ଏନ୍‌ସିଏ) ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା ବେଳେ ସେମିଫାଇନାଲ ମ୍ୟାଚ ଜିତି କଟକର ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରଥମେ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଏନ୍‌ଏନ୍‌ସିଏ ଭିଲାଇ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୧୦୨ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ଏନ୍‌ଏନ୍‌ସିଏ ଭିଲାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ପ୍ରଥମ ସେମିଫାଇନାଲ ମ୍ୟାଚ ୟୁନିୟନ ସ୍ପୋର୍ଟିଂ କଟକ ଓ ଓଡ଼ିଶା ପୋଷ୍ଟାଲ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ପୋଷ୍ଟାଲ ମାତ୍ର ୮୦ ରନ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ଆବଶ୍ୟକ ରନ୍ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ସଞ୍ଜୀବ ସାହୁ, ଟ୍ରକ୍ ମାଲିକ ସଂଘ ସଭାପତି ଅମ୍ବିକା ଭଞ୍ଜ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅଶୋକ ମହାନ୍ତି, ଅନୁଗୋଳ ଥାନା ଆଇଆଇସି ପ୍ରଭାତ ତ୍ରିପାଠୀ, ଜିଲା କ୍ରିକେଟ୍ ସଂଘ ସଭାପତି ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ